# NATIONAL NEWS BULLETIN (ODIA)

**21 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ମାତୃଭୂମିର ସେବା ଏବଂ ପ୍ରାଣବଳି ଦେଇଥିବା ବୀର ପୋଲିସ୍‌ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ପୋଲିସ୍ ସ୍ମୃତି ଦିବସ

– ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ

– ଏହି ଅବସରରେ ନୂଆଦିଲ୍ଲୀର ଜାତୀୟ ପୋଲିସ୍ ସ୍ମାରକୀରେ ଶ୍ରଦ୍ଧାସୁମନ ଅର୍ପଣ କଲେ ପ୍ରତିରକ୍ଷାମନ୍ତ୍ରୀ

- ବିହାର ବିଧାନସଭା ନିର୍ବାଚନ ପାଇଁ ମୁଦ୍ରିତ ବିଜ୍ଞାପନ ନିମନ୍ତେ ନିର୍ଦ୍ଦେଶନାମା ଜାରି କଲେ ନିର୍ବାଚନ ଆୟୋଗ

ଏବଂ

- ଲୋକପ୍ରିୟ ହାସ୍ୟ ଅଭିନେତା ଆସ୍ରାନିଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ ପ୍ରକାଶ

## ପୁଲିସ୍ ସହିଦ ଦିବସ

ମାତୃଭୂମିର ସେବା ଏବଂ ପ୍ରାଣବଳୀ ଦେଇଥିବା ବୀର ପୁଲିସ୍‌ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜିର ଦିନକୁ ପୁଲିସ ସ୍ମୃତି ଦିବସ ଭାବେ ପାଳନ କରାଯାଉଛି । ଶାନ୍ତିଶୃଙ୍ଖଳା, ମାଓ ଦମନ ଏବଂ ଲୋକମାନଙ୍କ ସୁରକ୍ଷା

ଦେଉଥିବା ସମୟରେ ପୁଲିସ୍ କର୍ମଚାରୀମାନଙ୍କ ବଳିଦାନ ମନେ ରଖିବାପାଇଁ ଏହି ଦିବସ ପାଳନ କରାଯାଉଛି ।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ପୋଲିସ୍ ସ୍ମୃତି ଦିବସ ଅବସରରେ ସେମାନଙ୍କ  ସାହସ ଏବଂ ସର୍ବୋଚ୍ଚ ବଳିଦାନକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି କହିଛନ୍ତି, ଦେଶ ଏବଂ ଦେଶବାସୀଙ୍କୁ ସୁରକ୍ଷା ଦେବା ଓ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ପୋଲିସ୍‌ର ଅଟଳ ପ୍ରତିବଦ୍ଧତାକୁ ଦେଶ ଗଭୀର ସମ୍ମାନ ପ୍ରଦର୍ଶନ କରୁଛି । ସେ କହିଛନ୍ତି ସଂକଟ ଏବଂ ମାନବିକ ଆବଶ୍ୟକତା ସମୟରେ ମଧ୍ୟ ସେବା କରିବା ପାଇଁ ପୋଲିସ୍‌ର ଦୃଢ଼ ସମର୍ପଣ   କର୍ତ୍ତବ୍ୟବୋଧର ପରିଚୟ ଦେଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ପୋଲିସ୍ କର୍ମଚାରୀଙ୍କ ଅଦମ୍ୟ ସାହସକୁ ସମ୍ମାନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଦେଶ ଏବଂ ଦେଶବାସୀଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ପୋଲିସ୍ ବାହିନୀର ଭୂମିକା ଅବିସ୍ମରଣୀୟ ଓ ପ୍ରଶଂସନୀୟ ।

ପୋଲିସ୍ ସ୍ମୃତି ଦିବସରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ନାଗରିକମାନଙ୍କ ଅଧିକାରକୁ ସୁରକ୍ଷିତ ରଖିବା ନେଇ ପୋଲିସ୍ ବାହିନୀର ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି ।

.........................................

# ପୋଲିସ୍ କମେମୋରେସନ ଡେ–ରାଜନାଥ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଏକ ଶକ୍ତିଶାଳୀ ପୋଲିସ୍ ବାହିନୀ ହିଁ ଶକ୍ତିଶାଳୀ ରାଷ୍ଟ୍ର ଗଠନ କରିପାରିବ । ପୋଲିସ୍ ସ୍ମୃତି ଦିବସ ଅବସରରେ ନୂଆଦିଲ୍ଲୀର ଜାତୀୟ ପୋଲିସ୍ ସ୍ମାରକୀୟରେ ଶହୀଦମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ ଏବଂ ଶ୍ରଦ୍ଧାଞ୍ଜଳି ଦେବା ପରେ ସେ କହିଛନ୍ତି, ସାମରିକ ବାହିନୀ ଏବଂ ପୋଲିସ୍ ବାହିନୀର ଭିନ୍ନଭିନ୍ନ ମଞ୍ଚ ଥାଇପାରେ, କିନ୍ତୁ ସେମାନଙ୍କର ଲକ୍ଷ୍ୟ ହେଉଛି ଗୋଟିଏ– ତାହା ଦେଶର ସୁରକ୍ଷା । ସାମରିକ ବାହିନୀ ଭୌଗୋଳିକ ଅଖଣ୍ଡତା ସୁନିଶ୍ଚିତ କରୁଥିବା ବେଳେ ପୋଲିସ୍ ଦେଶର ସାମାଜିକ ଅଖଣ୍ଡତାକୁ ସୁରକ୍ଷା ଦେଉଛି ।

**V/O (Rajnath-1)**

ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି, ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟ ପୂରଣ ହେବାକୁ ଥିବାରୁ, ଦେଶର ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷାକୁ ସନ୍ତୁଳନ କରିବା ଲାଗି ପୋଲିସ୍ ବାହିନୀକୁ ଆହୁରି ସତର୍କ ଏବଂ ସଜାଗ ହେବାକୁ ପଡ଼ିବ ।

**V/O (Rajnath-2)**

୧୯୫୯ ମସିହା ଅକ୍ଟୋବର ୨୧ ତାରିଖରେ ଲଦାଖରେ ଚୀନ୍ ସୈନ୍ୟଙ୍କ ଆକ୍ରମଣରେ ୧୦ ଜଣ ଭାରତୀୟ ପୁଲିସ ସହିଦ ହୋଇଥିଲେ । ସେହିଦିନଠାରୁ ପ୍ରତ୍ୟେକ ବର୍ଷ ଆଜିର ଦିନରେ ପୁଲିସ ସ୍ମୃତି ଦିବସ ପାଳନ କରାଯାଉଛି ।

## ପ୍ରେଜ୍ କେରଳ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କେରଳକୁ ଚାରି ଦିନିଆ ଗସ୍ତରେ ଯାଇ  ଆଜି ତିରୁବନନ୍ତପୁରମରେ ପହଞ୍ଚିବେ। ସାବରୀମାଳା ମନ୍ଦିର ଆସନ୍ତାକାଲି ରାଷ୍ଟ୍ରପତି ପରି-ଦର୍ଶନ କରିବେ। ତିରୁବନନ୍ତପୁରମର ରାଜଭବନରେ ପୂର୍ବତନ ରାଷ୍ଟ୍ରପତି କେ. ଆର. ନାରାୟଣନଙ୍କ ଏକ ପ୍ରତିମୂର୍ତ୍ତିକୁ ରାଷ୍ଟ୍ରପତି ଆସନ୍ତା ଗୁରୁବାର ଦିନ ଅନାବରଣ କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ନାରାୟଣ ଗୁରୁ ସମାଧିର ଶତବାର୍ଷିକୀ ସମାରୋହରେ ରାଷ୍ଟ୍ରପତି ଯୋଗଦେବେ। ଏହି ଗସ୍ତ ଅବସରରେ ରାଷ୍ଟ୍ରପତି' ପାଲାସ୍ଥିତ ସେଣ୍ଟ ଥମାସ କଲେଜ ଏବଂ ଏର୍ନାକୁଲମଠାରେ ସେଣ୍ଟ ଟେରେସା କଲେଜର କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

---

## ଇସି-ବିହାର ଇଲେକ୍ସନ

ନିର୍ବାଚନ କମିଶନ ବିହାର ବିଧାନସଭା ନିର୍ବାଚନ ସମୟରେ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନଙ୍କୁ ଭୋଟ୍ ପୂର୍ବରୁ ଏବଂ ଭୋଟ୍ ଗ୍ରହଣ ଦିନ ପ୍ରକାଶିତ ହେବାକୁ ଥିବା ସମସ୍ତ ମୁଦ୍ରିତ ବିଜ୍ଞାପନ ପାଇଁ ଗଣମାଧ୍ୟମ ପ୍ରମାଣପତ୍ର ଏବଂ ନିରୀକ୍ଷଣ କମିଟିଠାରୁ ପୂର୍ବ ପ୍ରମାଣପତ୍ର ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କମିଶନ କହିଛନ୍ତି, ଏକ ନିରପେକ୍ଷ ପ୍ରଚାର ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି । ପ୍ରଥମ ପର୍ଯ୍ୟାୟ ବିହାର ବିଧାନସଭା ନିର୍ବାଚନ ପାଇଁ ନଭେମ୍ବର ୫ ଓ ୬ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନଭେମ୍ବର ୧୦ ଓ ୧୧ ତାରିଖ ସୁଦ୍ଧା ଏହି ପ୍ରମାଣପତ୍ର ଗ୍ରହଣ କରିବା ଅନିର୍ବାର୍ଯ୍ୟ କରାଯାଇଛି । ନିର୍ଦ୍ଦେଶନାମାରେ କୁହାଯାଇଛି ମୁଦ୍ରିତ ଗଣମାଧ୍ୟମରେ ରାଜନୈତିକ ବିଜ୍ଞାପନ ପାଇଁ ପ୍ରମାଣପତ୍ର ଚାହୁଁଥିବା ଆବେଦନକାରୀମାନେ ପ୍ରସ୍ତାବିତ ତାରିଖର ଦୁଇଦିନ ପୂର୍ବରୁ ରାଜ୍ୟ ଏବଂ ଜିଲ୍ଲାସ୍ତରରେ ନିରୀକ୍ଷଣ କମିଟି ନିକଟରେ ଆବେଦନ ଦାଖଲ କରିବେ । ଏ କ୍ଷେତ୍ରରେ ଶୀଘ୍ର ନିଷ୍ପତ୍ତି ନିଆଯିବା

ଲାଗି ବ୍ୟବସ୍ଥା କରାଯାଇଛି । ସୂଚନାଯୋଗ୍ୟ ଦୁଇଟି ପର୍ଯ୍ୟାୟରେ ନଭେମ୍ବର ୬ ଏବଂ ୧୧ ତାରିଖରେ ବିହାର ବିଧାନସଭା ନିର୍ବାଚନ ପାଇଁ ମତ ଗ୍ରହଣ ଅନୁଷ୍ଠିତ ହେବ ।

## ଆସ୍ରାନି-୧

ବରିଷ୍ଠ ଅଭିନେତା ଗୋବର୍ଦ୍ଧନ ଆସ୍ରାନିଙ୍କର ଗତକାଲି ପରଲୋକ ହୋଇଛି । ମୁମ୍ବାଇରେ ୮୪ ବର୍ଷ ବୟସରେ ଶ୍ରୀ ଆସ୍ରାନି ଅପରାହ୍ଣ ୪ଟାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ସେ ପ୍ରକୃତରେ ଜଣେ ବହୁମୁଖୀ ପ୍ରତିଭା ଥିଲେ । ସେ ତାଙ୍କ ଅଭିନୟରେ ଅଗଣିତ ଦର୍ଶକଙ୍କୁ ହସାଇବାର କ୍ଷମତା ରଖିଥିଲେ । ଆସ୍ରାନିଙ୍କ ଅଭିନୟ ଜୀବନ ଭାରତୀୟ ସିନେମାକୁ ସବୁବେଳେ ପରିପୁଷ୍ଟ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏ ସଂପର୍କରେ ଆମର ଏକ ରିପୋର୍ଟ :

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୬ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୭ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ ମଧ୍ୟ 1922

କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଆସନ୍ତା ୨୪ ତାରିଖ ମଧ୍ୟରେ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

---

## ଟ୍ରମ୍ପ୍-ଚାଇନା

ଚୀନ୍ ଏବଂ ଆମେରିକା ମଧ୍ୟରେ ନୂତନ ବାଣିଜ୍ୟ ଚୁକ୍ତି କାର୍ଯ୍ୟକାରୀ ନ ହେଲେ ଆସନ୍ତା ମାସ ପହିଲାରୁ ଚୀନ୍ ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି ନେଇ ଆମେରିକା ଚେତାବନୀ ଦେଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ଶୁଳ୍କ ପରିମାଣ ୧୫୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲ୍‌ବାନିଜ୍‌ଙ୍କ ସହ ହ୍ୱାଇଟ୍ ହାଉସ୍ ଠାରେ ଏକ ବୈଠକ ପରେ ରାଷ୍ଟ୍ରପତି କହିଛନ୍ତି, ଚୀନ୍‌ର ରପ୍ତାନୀ ସାମଗ୍ରୀ ଉପରେ ୫୫ ପ୍ରତିଶତ ଶୁଳ୍କ ଲାଗୁ ହୋଇଛି । ତେବେ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ନ ହେଲେ ଶୁଳ୍କହାର ଦ୍ରୁତ ଗତିରେ ବୃଦ୍ଧି ପାଇବ ବୋଲି ସେ ଚେତାବନୀ ଦେଇଛନ୍ତି । ଶ୍ରୀ ଟ୍ରମ୍ପ୍ କହିଛନ୍ତି, ଦକ୍ଷିଣ କୋରିଆଠାରେ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ସହ ସେ ସାକ୍ଷାତ ଆଲୋଚନା କରିବେ । ଉଭୟ ଦେଶ ମଧ୍ୟରେ ଏକ ନିରପେକ୍ଷ ଏବଂ ପାରସ୍ପରିକ ଲାଭଦାୟକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବା ନେଇ ଶ୍ରୀ ଟ୍ରମ୍ପ୍ ଆଶାବ୍ୟକ୍ତ କରିଛନ୍ତି ।

ସୂଚନା ଯୋଗ୍ୟ ପୂର୍ବରୁ ଶ୍ରୀ ଟ୍ରମ୍ପ୍ ଟ୍ରୁଥ୍ ଗରମାଧ୍ୟମ ପୋଷ୍ଟରେ ଘୋଷଣା କରିଥିଲେ, ଚୀନ୍ ସାମଗ୍ରୀ ଉପରେ ଲାଗୁ ହୋଇଥିବା ଶୁଳ୍କ ଆସନ୍ତାମାସ ପହିଲାରୁ ଅତିରିକ୍ତ ୧୦୦ ପ୍ରତିଶତ ବୃଦ୍ଧି ପାଇବ । ଏପରିକି ସେହି ଦିନଠାରୁ ଚୀନ୍‌ର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସଫ୍ଟୱେୟାର୍ ରପ୍ତାନୀ ଉପରେ ମଧ୍ୟ ନିୟନ୍ତ୍ରଣ ଲଗାଯିବ ବୋଲି ଶ୍ରୀ ଟ୍ରମ୍ପ୍ ସୂଚନା ଦେଇଛନ୍ତି ।

---

## ୟୁଏସ୍-ଇଲିଗାଲ୍ ଇମିଗ୍ରାଣ୍ଟ୍ସ

ଆମେରିକାର ଆଭ୍ୟନ୍ତରୀଣ ସୁରକ୍ଷା ସଚିବ କ୍ରିଷ୍ଟି ନୋଏନ୍ କହିଛନ୍ତି, ଦେଶବ୍ୟାପି ୪ ଲକ୍ଷ ୮୦ ହଜାରରୁ ଅଧିକ ଅଣପଞ୍ଜିକୃତ ବେଆଇନ୍ ପ୍ରବାସୀଙ୍କୁ ଗିରଫ୍ କରାଯାଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ଜାନୁଆରୀ ମାସରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପ୍ରବାସୀଙ୍କୁ ଗିରଫ୍ କରାଯାଇଛି । ସେଥିମଧ୍ୟରୁ ୭୦ ପ୍ରତିଶତ ଲୋକଙ୍କ ବିରୁଦ୍ଧରେ ଅପରାଧିକ ଅଭିଯୋଗ ରହିଛି । କେତେକଙ୍କ ବିରୁଦ୍ଧରେ ଅପରାଧିକ ଅଭିଯୋଗ ମଧ୍ୟ ସାବ୍ୟସ୍ତ ହୋଇଥିବା ସେ କହିଛନ୍ତି । ଫ୍ଲୋରିଡ଼ାରେ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି କ୍ରିଷ୍ଟି ନୋଏନ୍ କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ୍ ପ୍ରଶାସନର ଦ୍ୱିତୀୟ କାର୍ଯ୍ୟକାଳ ଅବସରରେ ଅପରାଧିକ ପୃଷ୍ଠଭୂମି ଥିବା ଅଣପଞ୍ଜିକୃତ ପ୍ରବାସୀଙ୍କ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରାଯାଇଛି । ଆଭ୍ୟନ୍ତରୀଣ ସୁରକ୍ଷା ବିଭାଗ ଗତ ମାସରେ ଦେଇଥିବା ସୂଚନା ଅନୁଯାୟୀ ଜାନୁଆରୀ ୨୦ ତାରିଖରୁ ଇତିମଧ୍ୟରେ ୨୦ ଲକ୍ଷ ବେଆଇନ୍ ପ୍ରବାସୀ ଆମେରିକା ଛାଡ଼ିଛନ୍ତି ।

---